# Akashvani, Sambalpur

# SAMBALPURI NEWS EVENING BULLETIN

## 5 May 2026-7.02- 7.12 pm.

---

୧- ରାଏଜେ ଶିଳ୍ପ ସମୃଦ୍ଧି ଆଉ ଯୁଆନ୍ ବର୍ଗଙ୍କର୍ ଲାଗି ବ୍ୟାପକ୍ ନିଯୁକ୍ତି ସୁଯୋଗ୍ ତିଆର୍ କର୍‌ବାର୍‌ଟା ସର୍‌କାର୍‌ଙ୍କର୍ ପ୍ରାଥମିକତା ।

- ଓଡ଼ିଶା ନ ପୁଞ୍ଜିନିବେଶ୍ ବଢ଼ାବାର୍ ଲାଗି ୩ ଦିନିଆ ଗୁଜୁରାଟ୍  ଗସ୍ତ ଅବ୍‌ସରେ କହେଲେ ମୁଖ୍ୟମନ୍ତ୍ରୀ ।

୨- ପଶ୍ଚିମବଙ୍ଗ୍ ନ ବିଧାୟକ୍ ଦଲ୍ ନେତା ବାଛ୍‌ବାର୍ ଲାଗି ବିଜେପି ତର୍‌ଫୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଦିଆଯାଇଛେ କେନ୍ଦ୍ରୀୟ ସହପର୍ଯ୍ୟବେକ୍ଷକ୍ ଦାୟିତ୍ୱ ।

୩- ନିରବଚ୍ଛିନ୍ନ ଆଉ ଗୁଣାତ୍ମକ୍ ବିଦ୍ୟୁତ୍ ଯୋଗାଣ୍‌କେ ସୁନିଶ୍ଚିତ୍ କର୍‌ବାର୍ ଲାଗି ବିଦ୍ୟୁତ୍ ବିତରକ କମ୍ପାନୀମାନ୍‌କର୍ ସହେତେ ଆଲୋଚନା କଲେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ।

ଆଉର୍

୪- ଆଏବା ମାସର୍ ୧ ତାରିଖ୍‌ନୁ କାର୍ଯ୍ୟକ୍ଷମ୍ ହେବା ରାୟଗଡ଼ା ନୂଆଁ ରେଲ୍ ଡିଭିଜନ୍ ।

ମୁଖ୍ୟମନ୍ତ୍ରୀ ଗୁଜୁରାଟ୍ ଗସ୍ତ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ଶିଳ୍ପ ସମୃଦ୍ଧି ଆଉ ଯୁଆନ୍ ବର୍ଗଙ୍କର୍ ଲାଗି ବ୍ୟାପକ୍ ନିଯୁକ୍ତି ସୁଯୋଗ୍ ତିଆର୍ କର୍‌ବାର୍‌ଟା ସର୍‌କାର୍‌ଙ୍କର୍ ସବୁନୁ ବଡ଼ ପ୍ରାଥମିକତା ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଏଜେ ପୁଞ୍ଜିନିବେଶ୍‌କେ ବଢ଼ାବାର୍ ଲାଗି ଶ୍ରୀ ମାଝୀ ଆଏଜ୍‌ଠାନୁ ୩ ଦିନିଆ ଗୁଜୁରାଟ୍ ଗସ୍ତଥି ଯାଇଛନ୍ । ସେନ ପୁହୁଁଚିବାର୍ ଉତ୍‌ରୁ ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍, ନିବେଶକ୍‌ମାନ୍‌କୁ ଆକୃଷ୍ଟ କରିକରି ଓଡ଼ିଶା ନ ଶିଳ୍ପ ନିଯୁକ୍ତିକେ ଆହୁରି ତୁର୍‌ତି କର୍‌ବାର୍ ଲକ୍ଷ୍ୟଥି ସେ ଗୁଜୁରାଟ୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ବିଶ୍ୱସ୍ତରୀୟ ପୁଞ୍ଜିନିବେଶ୍‌କାରୀଙ୍କୁ ଓଡ଼ିଶାର୍ ଶିଳ୍ପ ସାମର୍ଥ୍ୟ ସହେତେ ପରିଚିତ କରାବାର୍ ଆଉ ରାଜ୍ୟର୍ ବିକାଶ୍ ଯାତ୍ରାଥି ସହଭାଗି କରାବାର୍ ତାଙ୍କର୍ ଗୁଜୁରାଟ୍ ଗସ୍ତର୍ ମୁଳ୍ ଲକ୍ଷ୍ୟ ଆଏ । ଇତାର୍‌ସହେତେ

ଯୁବଶକ୍ତିଙ୍କର୍ ଲାଗି ନିଜର୍ ମାଟି ନ ସମ୍ମାନ୍ ଜନକ୍ ଜୀବିକା ସୁଯୋଗ୍ ତିଆର୍ କର୍ବାର୍ ଆଉ ସମୃଦ୍ଧ ଆଉ ଆତ୍ମନିର୍ଭର୍ ଓଡ଼ିଶା ଗଠନ୍ ଦିଗେ ଇ ପଦକ୍ଷେପ୍ ମାଇଲ୍‌ଖୁଂଟା ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଗସ୍ତ ଅବ୍‌ସରେ ଶ୍ରୀ ମୋଦୀ ଅହମଦାବାଦ୍, ମୁନ୍ଦ୍ରା ଆଉ ଭଦୋଦରା ନ ରୋଡ୍ ସୋ, ରାଉଣ୍ଡ ଟେବୁଲ୍ ବୈଠକ୍ କର୍ବାର୍ ସହେତେ ରାଏଜେ ଶିଳ୍ପ ବିକାଶ୍‌କେ ନେଇକରି ଉଦ୍ୟୋଗ୍‌ପତିମାନ୍‌କର୍ ସାଙ୍ଗ ଆଲୋଚନା କର୍ବେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଗୁଜୁରାଟ୍ ଗସ୍ତଥି ଯାଇଛନ୍ । ଆଘୋନୁ ହାଇଦ୍ରାବାଦ୍ ଆଉ କୋଲ୍‌କାତା ନ ରାଜ୍ୟ ସର୍କାର୍‌ଙ୍କର୍ ତର୍‌ଫୁ ନିବେଶକ୍ ସମ୍ମିଲନୀ ହେଇଥିଲା ।

ମୁଖ୍ୟମନ୍ତ୍ରୀ-କେନ୍ଦ୍ରୀୟ ସହପର୍ଯ୍ୟବେକ୍ଷକ ହି.ସ.

ପଶ୍ଚିମ୍‌ବଙ୍ଗ୍ ଆଉ ଆସାମ୍ ନ ବିଧାୟକ୍ ଦଲ୍ ନେତା ନିର୍ବାଚନ୍ ଲାଗି ବିଜେପି ତର୍‌ଫୁ କେନ୍ଦ୍ରୀୟ ଦଳୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛେ । ପଶ୍ଚିମବଙ୍ଗ୍ ନ ଦଲର୍ ବରିଷ୍ଠ ନେତା ଆଉ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ପର୍ଯ୍ୟବେକ୍ଷକ୍ ଭାବେ ନିଯୁକ୍ତି ଦିଆଯାଇଛେ । ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସେଠାନେ କେନ୍ଦ୍ରୀୟ ସହପର୍ଯ୍ୟବେକ୍ଷକ୍ ଭାବେ ଦାୟିତ୍ୱ ତୁଲାବେ । ଆସାମ୍ ନ ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ୍ ଭାବେ ନିଯୁକ୍ତ କରାଯାଇଛେ । ହରିଆନା ମୁଖ୍ୟମନ୍ତ୍ରୀ ନାୟବ୍ ସିଂ ସାଇନୀ ସେଠାନେ କେନ୍ଦ୍ରୀୟ ସହ ପର୍ଯ୍ୟବେକ୍ଷକ୍ ଭାବେ ବଛା ହେଇଛନ୍ । ବିଜେପି ସଂସଦୀୟ ବୋର୍ଡ୍ ବୈଠକ୍ଥି ଇ ନେତାମାନ୍କର୍ ନାଁକେ ଅନୁମୋଦନ୍ କରାଯାଇଛେ ।

ଉପମୁଖ୍ୟମନ୍ତ୍ରୀ-ଶକ୍ତିବିଭାଗ୍ ଆଇ.ଆଣ୍ଡ୍.ପି.ଆର୍

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ଭୁବନେଶ୍ୱର୍ ଲୋକ୍ସେବା ଭବନ୍ ନ ଶକ୍ତି ବିଭାଗ୍ର ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ଥି ଅଧ୍ୟକ୍ଷତା କରିଛନ୍ । ରାଏଜେ ହଉଥିବା ଖରା ଆଉ କାଲ୍ବୈଶାଖୀ ଲାଗି ବିଭାଗ୍ର ପ୍ରସ୍ତୁତି ବାବ୍ଦେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସମୀକ୍ଷା କରିଛନ୍ । ରାଏଜେ ନିରବଚ୍ଛିନ୍ନ ଆଉ ଗୁଣାତ୍ମକ୍ ବିଦ୍ୟୁତ୍ ଯୁଗାବାର୍ଟାକେ

ସୁନିଶ୍ଚିତ୍ କର୍‌ବାର୍ ଲାଗି ବିଦ୍ୟୁତ୍ ବିତରକ କମ୍ପାନୀମାନ୍‌କୁ ସେ ନିର୍ଦ୍ଦେଶ୍ ଦେଇଛନ୍ । ଗ୍ରାହକ୍‌ମାନ୍‌କର୍ ଅଭିଯୋଗ୍‌ର ତୁର୍‌ତି ସମାଧାନ୍, ରକ୍ଷଣାବେକ୍ଷଣ୍‌ଥି ଉଚ୍ଚା ଦର୍‌ଜାର୍ ସାମଗ୍ରୀ ବେଭାର୍ ଆଉ ସେବାଥି ନମ୍ରତା ରଖ୍‌ବାର୍‌କେ ଅଧିକାରୀମାନ୍‌କୁ କୁହାଯାଇଛେ । ବିଦ୍ୟୁତ୍ ଭିତିଭୂମି ପାଶେ ସୁରକ୍ଷା ନିୟମ୍ ଅନୁପାଲନ୍ ଆଉ କାଲ୍‌ବୈଶାଖୀ ସମିଆଥି ଦୁର୍ଘଟଣାକେ ରୁକ୍‌ବାର୍ ଲାଗି ପଦକ୍ଷେପ୍ ନେବାର୍‌କେ କୁହାଯାଇଛେ ।

ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନସଭା ମାନ୍‌କର୍ କମିଟି ବାବଦ୍ ୨ ନମ୍ବର୍ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଆଏଜ୍ ରାଜସ୍ଥାନ୍‌ର ଜୟପୁର୍ ନ ମୁଲ୍ ହେଇଛେ । ମଧ୍ୟପ୍ରଦେଶ୍‌ର ବାଚସ୍ପତି ନରେନ୍ଦ୍ର ସିଂ ତୋମାର୍‌ଙ୍କର ଅଧ୍ୟକ୍ଷତାଥି ରାଜସ୍ଥାନ୍ ବିଧାନ୍‌ସଭା ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀ ଯୋଗ୍ ଦେଇଛନ୍ । ସମ୍ମିଳନୀଥି ବିଧାନ୍‌ସଭା ମାନ୍‌କର୍ କମିଟି ବ୍ୟବସ୍ଥା ଆଉ ଆଏବା ଦିନେ କେନ୍ତାକରି ତାହାକେ ଅଏତ୍‌କା

ପ୍ରଭାବ୍‌ଶାଳୀ କରାଯାଇପାର୍‌ବା ସେ ବାବ୍‌ଦେ ବିସ୍ତୃତ୍ ଆଲୋଚନା ହେଉଛେ ।

ଉପମୁଖ୍ୟମନ୍ତ୍ରୀ ସାକ୍ଷାତ୍‌କାର୍        ଆଇ.ଆଣ୍ଡ୍.ପି.ଆର୍

ଉପମୁଖ୍ୟମନ୍ତ୍ରୀ କଟକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ଭାରତ୍ ନ ଜାତିସଂଘର୍ ଆବାସିକ୍ ସମନ୍ୱୟକାରୀ ଷ୍ଟିଫେନ୍ ପ୍ରିସ୍‌ନର୍‌ଙ୍କର୍ ଗୁଟେ ସୌଜନ୍ୟମୂଳକ୍ ସାକ୍ଷାତ୍‌କାର୍ ହେଇଛେ । ବୈଠକ୍‌ଥି କୃଷି, ପର୍ଯ୍ୟଟନ୍ ଆଉ ଅକ୍ଷୟଶକ୍ତି କ୍ଷେତ୍ରଥି ସହଯୋଗ୍ ବଢ଼ାବାର୍ କ୍ଷେତ୍ରଥି ଆଲୋଚନା କରାଯାଇଛେ । ରାଏଜେ ଚାଷୀମାନ୍‌କର୍ କମାନୀ ବଢ଼ାବାର୍ ଜଲ୍‌ବାୟୁ ଅନୁକୂଳ ଚାଷ୍‌ର ପ୍ରଚାର୍ ଆଉ ସ୍ଥାୟୀ ବିକାଶ୍ ଲକ୍ଷ୍ୟ ପୁରା କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ଓଡ଼ିଶାର୍ ପର୍ଯ୍ୟଟନ୍ ସମ୍ଭାବନା ଆଉ ସାଂସ୍କୃତିକ୍ ପରମ୍ପରାର ସ୍ଥିର ବିକାଶ୍ ଲାଗି ଭିଲ୍ ଆଲୋଚନା ହେଇଛେ । ଜାତିସଂଘ ତର୍‌ଫୁ ବୈଷୟିକ ସହଯୋଗ୍ ଆଉ ଦକ୍ଷତା ବଢ଼ାବାର୍‌ଥି ସମର୍ଥନ୍ ଦିଆଯିବା ବଲି କୁହାଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ୍ ଆର୍‌ଏନ୍‌ୟୁ/ କଟକ୍

ଦେଶେ ବଳିଷ୍ଠ ଗବେଷଣା ଆଉ ନବସୃଜନ ପରିବେଶ୍ ତିଆର୍ କର୍‌ବାର୍ ଦିଗେ ସର୍‌କାର୍‌ଙ୍କର୍ ପ୍ରତିବଦ୍ଧତା ବାବ୍‌ଦେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ ଆଇଆଇଟି ମାଡ୍ରାସ୍ ଟେକ୍ ସମ୍ମିଲନୀଥି ଉଦ୍‌ବୋଧନ୍ ଦେଇକରି ନବସୃଜନ ଆଧାରିତ୍ ଭବିଷ୍ୟତ୍ ଗଠନ୍ ଦିଗେ ଦେଶର୍ ଗବେଷଣାତ୍ମକ୍ ବ୍ୟବସ୍ଥାଥି ବ୍ୟାପକ୍ ପରିବର୍ତ୍ତନ୍‌ର ଆବଶ୍ୟକତା ରହିଛେ ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଗବେଷଣା ଖାଲି ପିଏଚ୍‌ଡ଼ି ସନ୍ଦର୍ଭ ଆଉ ପତ୍ରପତ୍ରିକା ପ୍ରକାଶନ୍‌ଥି ସିମିତ୍ ନାଇଁ ରହିକରି ସମାଜ୍‌ର କଲ୍ୟାଣ୍ ଦିଗେ ନବସୃଜନାତ୍ମକ୍ ହେବାର୍ ଦର୍‌କାର୍ । ସର୍‌କାର୍ ଶିଳ୍ପ, ଷ୍ଟାର୍ଟଅପ୍ ଆଉ ଶିକ୍ଷା ପ୍ରତିଷ୍ଠାନ୍ ମାନ୍‌କୁ ଗବେଷଣାର୍ ବିକାଶ୍ କ୍ଷେତ୍ରଥି ସହଯୋଗ୍ କର୍‌ବାର୍ ଲାଗି ଭିନ୍ ଭିନ୍ ଯୋଜ୍‌ନା ଜରିଏ ୧ ଲାଖ୍ କୋଟି ଟଙ୍କା ଅନୁଦାନ୍ ଦେଇଛନ୍ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଧାନ୍ ଘିନା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସର୍କାର୍ ଚଲ୍ତି ରବି ଋତୁ ଲାଗି ଆଘର୍ ବଛର୍ ବାଗିର୍ ଇ ବଛର୍ ଭିଲ୍ ଚାଷୀମାନ୍କର୍ନୁ ଧାନ୍ ଘିନ୍ବେ । ଇ ମାସର୍ ୧ ତାରିଖ୍ନୁ ଜୁନ୍ ୩୦ ତାରିଖ୍ତକ୍ ଇଥିର୍ଲାଗି ସମିଆ ଧାରିଜ୍ କରାଯାଇଛେ । ଚାଷୀମାନ୍କୁ ସେମାନ୍କର୍ ଟୋକନ୍ ମୁତାବକ୍ ଧାରିଜ୍ ତାରିଖ୍ଥି ଧାନ୍ ଘିନା କେନ୍ଦ୍ରକେ ଧାନ୍ ଆନ୍ବାର୍ ଲାଗି ସର୍କାର୍ଙ୍କର୍ ତର୍ଫୁ କୁହାଯାଇଛେ । ଧାନର୍ ସର୍ବନିମ୍ନ ସହାୟକ୍ ମୂଲ୍ୟ ସହେତେ ଇନ୍ପୁଟ୍ ସାହାଜ୍ ବାବ୍ଦେ ଚାଷୀମାନକୁ କ୍ୱିଂଟାଲ୍ ପିଛା ୩ ହଜାର୍ ଶହେ ଟଙ୍କା ଚାଷୀମାନ୍କୁ ଦଉଛନ୍ । ଧାନ୍ ଘିନାର୍ ୪୮ ଘଂଟା ଭିତ୍ରେ ଚାଷୀମାନ୍କର୍ ବେଙ୍କ୍ ଖାତାକେ ଇ ଟଙ୍କା ପଠାଯାଉଛେ । ଇ ବାବ୍ଦେ ଅଏତ୍କା ସୂଚ୍ନା ଲାଗି ହେଲ୍ପଲାଇନ୍ ନମ୍ବର୍ ୧୯୬୭ଥି ଚାଷୀମାନେ ଯୋଗାଯୋଗ୍ କର୍ବାର୍ ଲାଗି ସର୍କାର୍ଙ୍କର୍ ତର୍ଫୁ କୁହାଯାଇଛେ ।

ରାୟଗଡ଼ା ରେଲ୍ ଡିଭିଜନ୍ ଆର୍ଏନ୍ୟୁ/ ସମ୍ବଲପୁର

ରାୟଗଡ଼ା ରେଲ୍ ଡିଭିଜନ୍ ଆଏବା ମାସର୍ ୧ ତାରିଖ୍ନୁ କାର୍ଯ୍ୟକ୍ଷମ୍ ହେବା ବଲି ରେଲ୍ ବିଭାଗ୍ ତର୍ଫୁ କୁହାଯାଇଛେ । ପୂର୍ବତଟ

ରେଲ୍ ଅଧୀନ୍‌ଥି ରାୟଗଡ଼ା ୩ ନମ୍ବର୍ ରେଲ୍ ଡିଭିଜନ୍ ଭାବେ କାମ୍ କର୍‌ବା । ପୂର୍ବତଟ ରେଲ୍‌ବାଇ ଅଧୀନ୍‌ଥି ଆଘୋନୁ ଖୋର୍ଦ୍ଧା ଆଉ ସମ୍ବଲ୍‌ପୁର୍ ରେଲ୍ ଡିଭିଜନ୍ ଥିଲା । ରାୟଗଡ଼ା ରେଲ୍ ଡିଭିଜନ୍ ଅଧୀନ୍‌ଥି ୬ ଶହ ୯୬ କିଲୋମିଟର୍ ରେଲ୍‌ପଥ୍ ରହେବା । ଓ୍ୱାଲ୍‌ଟିୟର୍ ଡିଭିଜନ୍‌ର କେତେଟା ଷ୍ଟେସନ୍ ରାୟଗଡ଼ା ଡିଭିଜନ୍‌ଥି ସାମିଲ୍ କରାଯାଇଛେ । ନୂଆଁ ରାୟଗଡ଼ା ରେଲ୍ ମଣ୍ଡଲ୍ ଅଧୀନ୍‌ଥି କୋରାପୁଟ୍- ସିଙ୍ଗାପୁର୍ ରୋଡ୍, କିରନ୍ଦୁର, ଗୁଣୁପୁର, ପାରଳା ସହେତେ ଦକ୍ଷିଣ୍ ଓଡ଼ିଶାର୍ ଅଲ୍‌ଗା କେତେଟା ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍‌କେ ସାମିଲ୍ କରାଯାଇଛେ । ଇତାର୍‌ଛଡ଼ା ଇଚ୍ଛାପୁର୍- ପଲାସା କେ ପୂର୍ବତଟ ରେଲ୍‌ବାଇ ଅଧୀନ୍‌ନୁ ବାହାର୍ କରାଯାଇକରି ବିଶାଖାପାଟ୍‌ନମ୍ ଡିଭିଜନ୍‌ଥି ସାମିଲ୍ କରାଯାଇଥିବାର୍ ବାବ୍‌ଦେ ବିଜ୍ଞପ୍ତିଥି କୁହାଯାଇଛେ । ରାୟଗଡ଼ା ନୂଆଁ ରେଲ୍‌ଡିଭିଜନ୍ ଭିତିଭୂମି ଲାଗି ସର୍‌କାର୍ ପାଖାପାଖି ଶହେ ୧୦ କୋଟି ଟଙ୍କା ଖର୍ଚ୍ଚା କର୍‌ବେ ।

ପରିବହନ୍ କମିଶନର୍-ବୈଠକ୍ ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ସଡ଼କ୍ ଦୁର୍ଘଟଣା କମ୍ କର୍ବାର୍ ଲାଗି ସଡ଼କ୍ ସୁରକ୍ଷାକେ ପ୍ରାଥମିକତା ଦେବାର୍କେ ସବୁ ଆଂଚଳିକ୍ ପରିବହନ୍ ଅଧିକାରୀ- ଆର୍‌ଟିଓ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ପରିବହନ୍ କମିଶନର୍ ଅମିତାଭ୍ ଠାକୁର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ମଦ୍ ପିଇକରି ଗାଡ଼ି ଚଲାବାର୍, ଅବୈଧ ପାର୍କିଂ ଆଉ ନିୟମ୍ ନାଇଁ ମାନ୍‌ବାର୍ ବିରୋଧିଥି କଡ଼ା ଏନ୍‌ଫୋର୍ସମେଂଟ୍ କର୍ବାର୍‌କେ କୁହାଯାଇଛେ । ସେନ୍ତା ଆର୍‌ଟିଓମାନେ ଖାଲି ନିୟନ୍ତ୍ରକ ନୁହନ୍ ସଚେତନତା ବଢ଼ାବାର୍ ଲାଗି ଏଜୁକେଟର୍‌ର ଭୂମିକା ଭିଲ୍ ନେବେ । ଆଏବା ଦିନେ ସେମାନ୍‌କର୍ କାର୍ଯ୍ୟଦକ୍ଷତା ରିପୋର୍ଟଥି ସଡ଼କ୍ ସୁରକ୍ଷା ପ୍ରଦର୍ଶନ୍‌କେ ସାମିଲ୍ କରାଯିବା । ଡ୍ରାଇଭିଂ ଲାଇସେନ୍ସ ଆଉ ଗାଡ଼ି ଫିଟ୍‌ନେସ୍ ଦେବାର୍‌ଥି ସ୍ୱଚ୍ଛତା ରଖିବାର୍‌କେ ଭିଲ୍ ନିର୍ଦ୍ଦେଶ୍ ଦିଆଯାଇଛେ ।

ରଥ ତିଆରି ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ମହାପ୍ରଭୁଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ରଥଖଳା ନ ରଥ ତିଆରି କାମ୍ ଜୋର୍‌ସୋର୍‌ଥି ଚାଲିଛେ ।

ଇଥିର୍‌ଲାଗି ଆଏଜ୍ ପୁରୀ ଆରକ୍ଷୀ ଅଧିକ୍ଷକ୍ ପ୍ରତୀକ୍ ସିଂ ରଥଖଳା ପରିଦର୍ଶନ୍ କରିକରି ସୁରକ୍ଷା ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ରଥଯାତ୍ରାକେ ଶୃଙ୍ଖଳିତ୍ ଆଉ ସୁରକ୍ଷିତ୍ ଭାବେ କର୍‌ବାର୍ ଲାଗି ସହର୍ ନ ବହୁତ୍‌ଟେ କଂଟ୍ରୋଲ୍ ରୁମ୍, ସିସିଟିଭି ଆଉ ଏଲ୍‌ଇଡି ସ୍କ୍ରିନ୍‌ର ବ୍ୟବସ୍ଥା କରାଯିବା । ଟ୍ରାଫିକ୍ ସମସ୍ୟା ଦୂର୍ କର୍‌ବାର୍ ଲାଗି ଖାସ୍ ପାର୍କିଂ ସୁବିଧା ସହେତେ ପୁଲିସ୍ ଫୋର୍ସ ମୁତୟନ୍ କରାଯିବା । ରଥଯାତ୍ରା ଆଉ ସୁନାବେଶ ସମିଆଥି କେନ୍ ରାସ୍ତା ନ କଟ୍‌କନା ଲଗାଯିବା ସେଥିର୍‌ଲାଗି ଗୁଗୁଲ୍ ମେପ୍ ଜରିଏ ସୂଚନା ଦିଆଯିବା । ଅମାନିଆ ଗାଡ଼ି ଚାଲକ୍‌ମାନ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଶ୍ରୀ ସିଂ ସୂଚ୍‌ନା ଦେଇଛନ୍ ।

ସିପିଇଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସ୍ନାତକୋତର୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଆଏଜ୍‌ଠାନୁ ଏକକ ପ୍ରବେଶିକା ପରୀକ୍ଷା - ସିପିଇଟି ମୁଲ୍ ହେଇଛେ । ଫି’ ଦିନ ୨ ଟା ଖେପେ ଆଏବା ୧୬ ତାରିଖ୍‌ତକ୍ ପରୀକ୍ଷା ହେବା । ଇ ବଛର୍ ମୋଟ୍ ୩୧ ହଜାର୍ ୯ ଶହ ୧୫ ଟା ସିଟ୍

ଲାଗି ୫୮ ହଜାର୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ଆବେଦନ୍ କରିଛନ୍ ।

ଧରଣୀଧର୍ ଜୟନ୍ତୀ       ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନ୍ ବିପ୍ଳବୀ ବୀର ଧରଣୀଧର ନାୟକଙ୍କର୍ ଶହେ ୬୨ ତମ ଜୟନ୍ତୀ ଅବ୍‌ସରେ ରାଜ୍ୟବାସୀ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଲି ଜନଉଛନ୍ । ୧୮୬୪ ମସିହା ମେ ମାସର୍ ୫ ତାରିଖ୍ କେନ୍ଦୁଝର୍‌ଗଡ଼ର କୁସୁମିତା ଗାଁର୍ ଗୁଟେ ଭୂୟାଁ ପରିବାର୍ ନ ଧରଣୀଧର୍ ଜନମ୍ ନେଇଥିଲେ । ଇଂରେଜ୍ ଶାସନ୍ ବିରୋଧିଥି ସେ ଲଢ଼େଇ କରିଥିଲେ । ୧୮୯୧ ମସିହାଥି ଇଂରେଜ୍ ସର୍‌କାର୍‌ଙ୍କର୍ ବିରୋଧିଥି ସଂଗଠିତ୍ ଧରଣୀମେଳି ଓଡ଼ିଶାର୍ ଇତିହାସ୍‌ଥି ଲିପିବଦ୍ଧ ହେଇଛେ । ଇ ମହାନ୍ ବିପ୍ଳବୀଙ୍କର୍ ମହତ୍ ଆଦର୍ଶ ସବୁବେଳେ ସୁର୍‌ତା ହେଇକରି ଓଡ଼ିଆ ଜାତିକେ ପ୍ରେରଣା ଯୁଗଉଛେ । ଇ ଅବ୍‌ସରେ ଆଏଜ୍ ସଖାଲେ ଭୁବ୍‌ନେଶ୍ୱର୍ ଇଏସ୍‌ଆଇ ହସ୍ପିଟାଲ୍ ଛକ ଆଉ ଓଡ଼ିଶା ବିଧାନ୍‌ସଭା ପାଶେ ଥିବା ବିପ୍ଳବୀ ଧରଣୀଧରଙ୍କର୍ ପ୍ରତିମୂର୍ତିଥି

ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ଲୋକ୍‌ମାନେ ମାଲ୍ୟାର୍ପଣ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ବଲେ ବର୍ଷା ହେବାର୍‌ନୁ ତାପମାତ୍ରା କମିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେବା ବଲି ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲାକେ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୪ ଦିନ୍‌ତକ୍ ରାଏଜେ ପାଗ୍ ଏନ୍ତା ରହେବା ବଲି କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।